# ତହସିଲ କାର୍ଯ୍ୟାଳୟ, ଗଁଦିଆ

ସଂଖ୍ୟା: ୧୪୦୮ /ତା. ୦୮.୦୪.୨୦୨୧

## ଲଘୁ ଖଣିଜ ନିଲାମ ତାରିଖ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଗଁଦିଆ ତହସିଲ, ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖଦାନ ଗୁଡିକୁ,ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ୍ (୨୦୨୦-୨୧ ରୁ ୨୦୨୪-୨୫) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର, ଗଁଦିଆଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ OMMC Rules, 2016ରେ ବର୍ଣିତ ଥିବା Form M ରେ ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ ତହସିଲଦାର,ଗଁଦିଆଙ୍କ ନାମେ ଆବେଦନ କରିବେ, ଯାହାକି ପ୍ରଥମ ପର୍ଯ୍ୟାୟରେ ତା.୨୩.୦୪.୨୦୨୧ରିଖ ଦିବା ୧ ଘଟିକା ସୁଦ୍ଧା ରେଜେଷ୍ଟ୍ରି/ସ୍ପିଡ ପୋଷ୍ଟ ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପାଗୁଡିକ ତା.୨୬.୦୪.୨୦୨୧ ରିଖ ପୂର୍ବାହ୍ନ ୯ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତଗୁଡିକୁ ତନଖି କରାଯିବ ଏବଂ ସମସ୍ତ ସର୍ତ୍ତାବଳୀ ପାଳନ ପୂର୍ବକ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଅସମ୍ପୂର୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ତା.୨୬.୦୪.୨୦୨୧ ରିଖରେ ନିଲାମ ହୋଇପାରି ନଥିବା ସଇରାତ ଗୁଡିକ ପୁନଶ୍ଚ ଦ୍ୱିତୀୟ ପର୍ଯ୍ୟାୟରେ ତା.୩୦.୦୪.୨୦୨୧ ରିଖ ଅପରାହ୍ନ ୧ ଘଟିକା ସୁଦ୍ଧା ଗ୍ରହଣ କରାଯାଇ ତା.୦୩.୦୫.୨୦୨୧ ରିଖରେ ନିଲାମ ହେବ । ତା. ୦୩.୦୫.୨୦୨୧ ରିଖରେ ନିଲାମ ହୋଇପାରି ନ ଥିବା ସୈରାତଗୁଡିକୁ ତୃତୀୟ ପର୍ଯ୍ୟାୟରେ ତା.୦୭.୦୫.୨୦୨୧ ରିଖ ଅପରାହ୍ନ ୧ ଘଟିକା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ, ତା.୧୦.୦୫.୨୦୨୧ ରିଖରେ ନିଲାମ କରାଯିବ ।

୦୧. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା ମାତ୍ର) ର ଟ୍ରେଜେରୀ ଚାଲାଣ "Head of Account-0853-Non-ferrous Mining and Metallurgical Industries-102-Mineral Concession Fees, Rents and Royalties" ରେ ଦାଖଲ କରି ଏହାର ପ୍ରତିଲିପି ପ୍ରଦାନ କରିବେ ।

୦୨. ଆବେଦନକାରୀ ଅମାନତ ରାଶି ସ୍ୱରୂପ ରୟାଲଟି ଏବଂ Additional Charge, MGQ ର ବାର୍ଷିକ ୫%(EMD equivalent to five percent of the minimum amount of additional charges specified in the notice and the amount of royalty, both calculated on the basis of minimum guaranteed quantity for one whole year for the minimum guaranteed quantity of minor mineral to be extracted in one full year) ଯାହାକି ଡିମାଣ୍ଡ ଡ୍ରାଫ୍ଟ ଆକାରରେ ତହସିଲଦାର, ଗଁଦିଆଙ୍କ ସପକ୍ଷରେ ଥାଇ ବନ୍ଦ ଲଫାଫାରେ ଦରଖାସ୍ତ ସହିତ ସଲଗ୍ନ କରିବା ଆବଶ୍ୟକ ଅଟେ ।

୦୩. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ।

୦୪. କୌଣସି ମାଇନିଙ୍ଗ ତଥା ରାଜସ୍ୱ ପାଉଣା ବାକି ନଥିବା ନେଇ ଏକ ସତ୍ୟପାଠ ।

୦୫. ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ।

୦୬. ଆବେଦନକାରୀ ସଲଭେନ୍ସି ସାର୍ଟିଫିକେଟ ଅଥବା (ସମ୍ପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ "MGQ X (Rate of Royalty + Offered Additional Charges quoted by the applicant) ସମାନ ଅର୍ଥ ପରିମାଣର Bank Guarantee ତହସିଲଦାର, ଗଁଦିଆଙ୍କ ସପକ୍ଷରେ ଦାଖଲ କରିବେ ।

୦୭. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ।

# ସର୍ତ୍ତାବଳୀ

୦୧. ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ର ପରିସରଭୁକ୍ତ ହେବେ।

୦୨. ଲିଜଧାରୀ Mines Act 1952 ଓ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ।

୦୩. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୦୪. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ତତ୍ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ଲିଜ ନେବାର ସୁଯୋଗ ଦିଆଯିବ କିମ୍ବା ଦୁଇ ଆବେଦନକାରୀଙ୍କ ଦର୍ଶାଯାଇଥିବା Additional Charge ର ମୂଲ୍ୟ ସମାନ ପରିଲିଖିତ ହୁଏ ତେବେ ତାହା ଧର୍ମଗୋଳା ମାଧ୍ୟମରେ (By draw of lots) ନିଲାମଧାରୀ ଚୟନ କରାଯିବ ।

୦୫. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ କାଗଜାତ ନ ଦେଇ କିମ୍ବା ପ୍ରଚଳିତ Additional Charge ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀ ଙ୍କ M ଫର୍ମ ଖାରଜ କରିଦିଆଯିବ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୦୬. ପ୍ରଚଳିତ ନିୟମ ଅନୁଯାୟୀ ଲିଜଧାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ୍ୟ ହେବେ ।

୦୭. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ ଗ୍ରହଣ ନ କଲେ ତାଙ୍କର ଜମା ରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ Additional Charge ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ ଯଦି ବିଧି ବ୍ୟବସ୍ଥା ଅନୁଯାୟୀ ଗ୍ରହଣ ଯୋଗ୍ୟ ହୁଏ, ତାହେଲେ OMMC Rule, 2016 ଅନୁଯାୟୀ ପଦକ୍ଷେପ ନିଆ ଯାଇପାରେ ।

୦୮. ଲିଜ ମଞ୍ଜୁରୀ ପରେ ଲିଜଧାରୀ ମାଇନିଙ୍ଗ ସ୍ଥାନ ପ୍ରସ୍ତୁତି ପାଇଁ ଆବଶ୍ୟକ ଅର୍ଥ ଦାଖଲ କରିବେ । ଲିଜରାଶି + Additional Charge + DMF ର ରାଶି ସହିତ ୨୫% ଅମାନତ ଆକାରରେ ଜମା କରିବେ ।

୦୯. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲ୍ଲଙ୍ଘନ କଲେ ତାଙ୍କର ଲିଜ ରଦ୍ଦ କରାଯିବା ସହ ଜମାରାଶିକୁ ବାଜ୍ୟାପ୍ତି ହେବ ।

୧୦. ଲିଜଧାରୀ ଲିଜରାଶି ଓ ଅମାନତ ତାଙ୍କ ବ୍ୟତିରେକେ " MGQ x (Rate of Royalty + Additional Charge allowed ) ର ୧୦% ଲିଜରାଶି (DMF) ପାଇଁ ଜମା କରିବେ ।

୧୧. ଲିଜଧାରୀ ଲିଜରାଶି " MGQ x (Rate of Royalty + Additional Charge allowed ) ର ୫% ଲିଜରାଶି (Environmental Management Fund) ଆକାରରେ ଦାଖଲ କରିବା ପାଇଁ ବାଧ୍ୟ ହେବେ ।

୧୨. ଜିଲ୍ଲାପାଳ ଉପଯୁକ୍ତ କାରଣ ଦର୍ଶାଇ ଲିଜକୁ ରଦ୍ଦ କରିବାର କ୍ଷମତା ରଖନ୍ତି ।

୧୩. ଲିଜଧାରୀ ଲିଜ ପାଇବା ପରେ ସୈରାତ ପରିଚାଳନା ପାଇଁ OMMC Rules, 2016ରେ ସମସ୍ତ ସର୍ତ୍ତାବଳୀକୁ ମାନିବାକୁ ବାଧ୍ୟ ହେବେ ।

୧୪. ସର୍ବୋଚ୍ଚ ନିଲାମଧାରୀଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ Form F ରେ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ ।

୧୫. Mining Plan ରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶଯାଇଥିବା Royalty ଓ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରକୁ ଏକତ୍ର କାରୀ MGQ ସହ ଗୁଣନ କଲେ ଯେଉଁ ପରିମାଣର ଅର୍ଥ ହେବ ତାହା ସହିତ ଅନ୍ୟାନ୍ୟ ସରକାରୀ ଦେୟ ଲିଜଧାରୀ Environmental Clearance ଆଣି ସାରିଲା ପରେ ସମସ୍ତ ରାଶି ପଇଠ କରିବେ । ସମ୍ପୂର୍ଣ ରାଶି ପଇଠ ହେଲା ପରେ ଲିଜଧାରୀ Registration Act, 1908 ଓ Stamp Act, 1899 ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ଏବଂ ଖଣି ପରିଚାଳନା ପାଇଁ Regional Officer, State Pollution Control Board, Angulଙ୍କ ଠାରୁ CTO ଆଣିବା ପାଇଁ ବାଧ୍ୟ ହେବେ ।

୧୬. ପରିବେଶ ମଞ୍ଜୁରୀ ପାଇଁ ଆବଶ୍ୟକ ଅର୍ଥ ଲିଜ ଧାରି ଦାଖଲ କରିବେ ।

୧୭. ଲିଜ ଲାଗି ଆବେଦନ କରିବା ଇସ୍ତାହାରରେ ପ୍ରଦର୍ଶିତ ଲଘୁ ଖଣିଜ ଖଦାନଗୁଡିକ ପୂର୍ବରୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୧୮. ଲିଜ ଗ୍ରହଣ କରିସାରିଲା ପରେ ଲିଜ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା ଏଥି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୯. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୨୦. ପୁନଶ୍ଚ ଓଡିଶା ଲଘୁ ଖଣିଜ ଆଇନ, ୨୦୧୬ ସର୍ତ୍ତାବଳିର ଖିଲାପ ହେଲେ, ନିଯମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶିକୁ ବାଜ୍ୟାପ୍ତି କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପାଖରେ ରହିଅଛି ।

୨୧. ଜମା Royalty ରାଶି " MGQ x (Rate of Royalty + Additional Charge allowed ) ର ୨% ଲିଜରାଶି T.C.S. ବାବଦକୁ ନଗଦ ଆକାରରେ ଜମା କରିବେ ।

୨୨. ଏହି ନିଲାମର ଫଳାଫଳ, ମାନ୍ୟବର ହାଇକୋର୍ଟ, କଟକ, ଓଡିଶାଙ୍କ ଲିଖିତ ଆବେଦନ ମାମଲା ସଂଖ୍ୟା(W.P.C. No.)୨୬୫୭୭/୨୦୨୦, ୨୬୫୭୯/୨୦୨୦ ଓ ୨୬୫୮୦/୨୦୨୦ର ଆଦେଶ ଅନୁଯାୟୀ ନିଲାମ ପରିଚାଳିତ ହେବ ।

୨୩. ଲିଜଧାରୀ ସୈରାତ ଉପର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉପର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ହୋଇଥିବା ଖର୍ଚ୍ଚ, ଲିଜଧାରୀ ବହନ କରିବେ ।

୨୪. ଲିଜଧାରୀ ନିଜ ଖର୍ଚ୍ଚରେ Regional Officer, State Pollution Control Board, Angulଙ୍କ ଠାରୁ CTO ପ୍ରାପ୍ତ ପରେ ଖଣି ପରିଚାଳନା ପାଇଁ ଯୋଗ୍ୟ ହେବେ ।

୨୫.. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ ଲିଜ୍ ଧାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବ ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉପରୁ ଖଣିଜ ପଦାର୍ଥ ଉତ୍ତୋଳନ କରି ପାରିବେ ନାହିଁ ।

୨୬. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଗଁଦିଆ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖି ପାରିବେ ।

୨୭. ସଇରାତ ଉସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ତଉଜି ନାବିସଙ୍କ ଠାରେ ମିଳି ପାରିବ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ସର୍ତ୍ତାବଳୀ www. dhenkanal.nic.in ରେ ଉପଲବ୍ଧ ହେବ ।

୨୮. ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଅଛି ।

୨୯. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ରହିଅଛି ।

ଆଶିଷ ... 01/02/2020

ତହସିଲଦାର,ଗଁଦିଆ

**ସ୍ମାରକ ସଂଖ୍ୟା - ୧୫୦୮ /ତାରିଖ - ୦୮.୦୪.୨୦୨୧**

ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ, ଢେଙ୍କାନାଳ/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗଁଦିଆ/ସମସ୍ତ ଗ୍ରାମ ପଞ୍ଚାୟତ/ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ସମସ୍ତ ଗ୍ରାମର କୋଠ ଘର ଓ ସମ୍ପୃକ୍ତ ସୈରାତ ସ୍ଥଳୀରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

**ତହସିଲଦାର,ଗଁଦିଆ**

# ସୈରାତ ବିବରଣୀ – ଗନ୍ଦିଆ ତହସିଲ- ଆର୍ଥିକ ବର୍ଷ ୨୦୨୦-୨୧ ଠାରୁ ୨୦୨୪-୨୫

| କ୍ରମିକ ସଂଖ୍ୟା | କେସ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ରକବା (ଏକରରେ) | ସର୍ବନିମ୍ନ ମୂଲ୍ୟ (per CuM) | ଅତିରିକ୍ତ ମୂଲ୍ୟ (Additional Charge per CuM) | ମୋଟ ଧାର୍ଯ୍ୟ ମୂଲ୍ୟ (per CuM) | MGQ (in Cubic Meter) | ଅମାନତ ରାଶି (EMD) |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧. | ୧୪/ ୨୦୨୦-୨୧ | ଟୋଲରପଣି ରୋଡ଼ ମେଟାଲ | ଟୋଲରପଣି | ୪୬୭ | ୧୮୭୪ | ୨୪.୬୦ ରୁ ୧୨.୨୫ | ୧୩୦.୦୦ | ୬୫.୦୦ | ୧୯୫.୦୦ | ୨୦୦୦୦ | ୧୯୫୦୦୦ |
| ୨. | ୧୬/ ୨୦୨୦-୨୧ | ନହଡା ରୋଡ଼ ମେଟାଲ | ନହଡା | ୬୫୮ | ୩୪୨୮ | ୧୦.୮୦ | ୧୩୦.୦୦ | ୬୫.୦୦ | ୧୯୫.୦୦ | ୨୦୦୦୦ | ୧୯୫୦୦୦ |
| ୩. | ୧୭/ ୨୦୨୦-୨୧ | କାଲୁରିଆପାଟଣା ବାଲିଘାଟ | କାଲୁରିଆପାଟଣା | ୧୪୧ | ୧ | ୭୨.୦୦ ରୁ ୧୨.୨୫ | ୩୫.୦୦ | ୫୫.୦୦ | ୯୦.୦୦ | ୧୬୦୦୦ | ୭୨୦୦୦.୦୦ |

ସ୍ୱା/-

ତହସିଲଦାର, ଗନ୍ଦିଆ